**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**15th February - 2026**

*********************************

*Desk, Puri, Cuttack, Bhadrak, Dhenkanal/R*

# ମହାଶିବରାତ୍ରି

ଫାଲଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ମହାଶିବରାତ୍ରୀ ଅବସରରେ ରାଜ୍ୟର ଶୈବପୀଠଗୁଡ଼ିକରେ ଆଜି ସକାଳୁ ଶ୍ରଦ୍ଧାଳୁଙ୍କ ସମାଗମ ପରିଲକ୍ଷିତ ହୋଇଛି। ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, କଟକର ଧବଳେଶ୍ୱର, ଭଦ୍ରକର ଅଖଣ୍ଡଳମଣି, ଢେଙ୍କାନାଳର କପିଳାସ, ନୟାଗଡ଼ର ଲଡ୍ଡୁ ବାବା ଓ ପୁରୀର ଶ୍ରୀଶ୍ରୀଲୋକନାଥ ମନ୍ଦିର ସମେତ ରାଜ୍ୟର ପ୍ରମୁଖ ଶୈବପୀଠଗୁଡ଼ିକରେ ଶ୍ରଦ୍ଧାଳୁମାନଙ୍କ ଦର୍ଶନପାଇଁ ମନ୍ଦିରଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ପୁରୀ ଶ୍ରୀଶ୍ରୀଲୋକନାଥ ଦେବଙ୍କ ପୀଠରେ ଦୈନନ୍ଦିନ ନୀତିକାନ୍ତି ଶେଷ ପରେ ଭୋର୍ ୩ଟାରୁ ଶ୍ରଦ୍ଧାଳୁମାନେ ଦର୍ଶନ କରୁଛନ୍ତି । ବିଳମ୍ବିତ ରାତିରେ ହରିହର ଭେଟ ପରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠାଯିବ ।

ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିରରେ ରାତି ୧୦ଟାରେ ମହାଦୀପ ଉଠିବା ପରେ ୪ ପ୍ରହର ପୂଜା, ହରିହର ଭେଟ ଓ ବଡ଼ସିଂହାର ବେଶ ଅନୁଷ୍ଠିତ ହେବ  ବୋଲି ମନ୍ଦିର ନିଯୋଗ ପକ୍ଷରୁ କୁହାଯାଇଛି ।

ଭଦ୍ରକର ବାବା ଆଖଣ୍ଡଳମଣି ମନ୍ଦିରରେ ଭୋର୍ ସାଢ଼େ ୪ଟା, କଟକ ଧବଳେଶ୍ୱର ମନ୍ଦିରରେ ରାତି ୧୦ଟା, ଢେଙ୍କାନାଳ କପିଳାସ ମନ୍ଦିରରେ

ଭୋର୍ ୪ଟା ୨୦ ମିନିଟ୍‌ରେ ମହାଦୀପ ଉଠିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

***Desk***

## ରାଜ୍ୟ କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଗତକାଲି ୫ଟି ପ୍ରସ୍ତାବକୁ ମଞ୍ଜୁରି ମିଳିଛି । ଆସନ୍ତା ଆର୍ଥିକ ବର୍ଷ ୨୦୨୬-୨୭ ବଜେଟ୍ ଚିଠା ପ୍ରସ୍ତାବକୁ କ୍ୟାବିନେଟ୍‌ର ଅନୁମୋଦନ ମିଳିଛି । ଆସନ୍ତା ୧୭ ତାରିଖ ମଙ୍ଗଳବାରରୁ ଆରମ୍ଭ ହେଉଥିବା ବିଧାନସଭା ବଜେଟ୍ ଅଧିବେଶନରେ ଏହା ଉପସ୍ଥାପନ ହେବ । ସୂଚନା ଅନୁସାରେ ମନ୍ତ୍ରି ପରିଷଦ ବୈଠକରେ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଚିଠା ପ୍ରସ୍ତାବକୁ ମନ୍ତ୍ରି ପରିଷଦ ଅନୁମୋଦନ କରିଛନ୍ତି । ଏହାବ୍ୟତୀତ ଜଳସମ୍ପଦ ବିଭାଗର ୩ଟି ଓ ଶ୍ରମ ବିଭାଗର ଗୋଟିଏ ପ୍ରସ୍ତାବ ଉପରେ କ୍ୟାବିନେଟ୍‌ର ମଞ୍ଜୁରି ମିଳିଛି । ଗତକାଲି ଲୋକସେବା ଭବନରେ ଅନୁଷ୍ଠିତ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି :

***Voice (Anu Garg)*** :...........

***Desk***

## ଜମିପଟ୍ଟା

ଜମିପଟ୍ଟା ସମ୍ବନ୍ଧୀୟ ସଂଶୋଧନ କାର୍ଯ୍ୟକୁ ତ୍ୱରିତ ସମାଧାନ କରିବାପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ଜିଲ୍ଲାରେ ଜମିପଟ୍ଟା ବା ରେକର୍ଡ୍ ଅଫ୍ ରାଇଟ୍‌ର ଦୁଇଖାନା ସଂଶୋଧନ ସମ୍ବନ୍ଧୀୟ ଆପେକ୍ଷିକ ମାମଲାଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାପାଇଁ କୁହାଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି, ସଂଶୋଧନ କାର୍ଯ୍ୟରେ ବିଳମ୍ବ ହେଲେ ତହସିଲ୍‌ର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

***Cuttack/R***

## ଅପରେସନ୍ କବଚ

ରାଜ୍ୟରେ ସାଇବର ସୁରକ୍ଷାକୁ ସୁଦୃଢ଼ ଏବଂ ସଙ୍ଗଠିତ କରିବା ସହିତ ସାଇବର ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଓଡ଼ିଶା ପୁଲିସ୍ ପକ୍ଷରୁ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅଭିଯାନ 'ଅପରେସନ୍ କବଚ' ଆରମ୍ଭ ହୋଇଛି । ଏହି ଅଭିଯାନ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ସାଇବର ଠକେଇପାଇଁ ବ୍ୟବହୃତ ବେନାମୀ ବ୍ୟାଙ୍କ୍ ଆକାଉଣ୍ଟ ଓ ଜାଲ୍ ସିମ୍‌କାର୍ଡ଼ର ବ୍ୟବହାରକୁ ସମ୍ପୂର୍ଣ୍ଣରୂପେ ନିୟନ୍ତ୍ରଣ କରିବା ହେଉଛି ଏହି

ଅଭିଯାନର ଲକ୍ଷ୍ୟ । ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି, ସାଇବର ଅପରାଧ ନିୟନ୍ତ୍ରଣ କରିବାପାଇଁ ରାଜ୍ୟ ପୁଲିସ୍ ପକ୍ଷରୁ ଏଥିନିମନ୍ତେ ବିଶେଷ ରଣନୀତି ପ୍ରସ୍ତୁତ କରାଯାଇଛି ।

***BBSR/R***

## ତୋଷାଳୀ ସ୍ୱଦେଶୀ ମେଳା

ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ସମୃଦ୍ଧ ଐତିହ୍ୟର ପରିଚୟ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ।  ଭୁବନେଶ୍ୱର ଜନତା ମଇଦାନଠାରେ ଆୟୋଜିତ ବିଂଶତମ ତୋଶାଳୀ ସ୍ୱଦେଶୀ ମେଳା ଉଦ୍‌ଘାଟନ କରି ଶ୍ରୀ ସିଂହଦେଓ କହିଛନ୍ତି, ଏହା ମାଧ୍ୟମରେ ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧି ହୋଇପାରିବ ।

***Desk***

## ରାଜ୍ୟପାଳ

ଅନ୍ୟମାନଙ୍କପାଇଁ ସେବା କରିବାରେ ପ୍ରକୃତ ମହାନତା ନିହିତ ଥାଏ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି କହିଛନ୍ତି । ଭୁବନେଶ୍ୱରରେ ଆୟୋଜିତ 'ପ୍ରାଇଡ୍ ଅଫ୍ ଓଡ଼ିଶା ସମ୍ମାନ' ଉତ୍ସବରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ଜଳବାୟୁ ପରିବର୍ତ୍ତନ, ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ଏବଂ ସାମାଜିକ ଅସମାନତା ଭଳି ଆହ୍ୱାନଗୁଡ଼ିକର ନିରାକରଣ ପାଇଁ

ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ସେବା ପରମ ଧର୍ମ ନୀତିକୁ ଆପଣାଇବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି ।

***Desk***

## ହକି

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ଠାରେ ଚାଲିଥିବା ଏଫ୍.ଆଇ.ଏଚ୍. ପ୍ରୋ-ଲିଗ୍ ହକି ପ୍ରତିଯୋଗିତାର ତୃତୀୟ ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ଖେଳାଯିବ । ଗତକାଲି ବେଲ୍‌ଜିୟମ୍ ୪-୨ ଗୋଲ୍‌ରେ ଭାରତକୁ ପରାସ୍ତ କରିଛି ।

*****